1957
सेप्टेम्बर 24

ସୁରିନ୍ଦର କୁମାର ଏବଂ ଅନ୍ୟମାନେ

ବନାମ

ଗିଆନ ଚାନ୍ଦ ଏବଂ ଅନ୍ୟମାନେ

(ବି. ପି. ସିହ୍ନା, ଗୋବିନ୍ଦ ମେନନ ଏବଂ ଜେ. ଏଲ. କପୁର, ନ୍ୟାୟମୂର୍ତ୍ତିବୃନ୍ଦ)

ସର୍ବୋଚ୍ଚ ନ୍ୟାୟାଳୟ, ଅନ୍ତର୍ନିହିତ କ୍ଷମତା-ଅତିରିକ୍ତ ପ୍ରମାଣ ଗ୍ରହଣ କରିବା- ସର୍ବୋଚ୍ଚ ନ୍ୟାୟାଳୟ ନିୟମାବଳୀ, ଆଦେଶ 45, ନିୟମ 5 ।

ଏକ ପଞ୍ଜୀକୃତ ଇଚ୍ଛାପତ୍ର ଅଧୀନରେ, କେତେକ ସମ୍ପତ୍ତିରେ ବନ୍ଧକ ଗ୍ରହୀତା ବ୍ୟକ୍ତିର ଅଧିକାରଗୁଡ଼ିକୁ ଆବେଦନକାରୀଙ୍କୁ ଉଇଲ କରାଯାଇଥିଲା । ସେମାନେ ବନ୍ଧକ ଆଧାରରେ ପ୍ରମାଣିତ ଇଚ୍ଛାପତ୍ର ହାସଲ ନକରି ଟଙ୍କା ଆଦାୟ କରିବା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ । ଉତ୍ତରଦାତାମାନେ ମକଦ୍ଦମା ଦାୟର କରିବାରେ ଆବେଦନକାରୀଙ୍କ ସ୍ଥିତି ଅଧିକାରକୁ ଆପତ୍ତି କରିଥିଲେ । ଇଚ୍ଛାପତ୍ରଟି ପଞ୍ଜୀକୃତ ହୋଇଥିବାରୁ ଯଥାର୍ଥ କାର୍ଯ୍ୟକାରିତାର ଅନୁମାନ ଏଥିରେ ରହିଥିଲା ବୋଲି ନିର୍ଣ୍ଣୟ କରି ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାକୁ ଡିକ୍ରି କରିଥିଲେ । ଦୁଇ ଜଣ ସାକ୍ଷୀଙ୍କ ଦ୍ୱାରା ଇଚ୍ଛାପତ୍ରର ଅନୁପ୍ରମାଣନ ହୋଇନଥିବା ଆଧାରରେ ଉଚ୍ଚ ନ୍ୟାୟାଳୟ ଆବେଦନରେ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ । ଏହା ପରେ ଆବେଦନକାରୀମାନଙ୍କର ଏବଂ ସେମାନଙ୍କ ମା'ଙ୍କ ସପକ୍ଷରେ ପ୍ରମାଣିତ ଇଚ୍ଛାପତ୍ର ହାସଲ କରାଯାଇଥିଲା । ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନରେ ଅତିରିକ୍ତ ପ୍ରମାଣ ଭାବରେ ପ୍ରମାଣିତ ଇଚ୍ଛାପତ୍ରକୁ ଗ୍ରହଣ କରିବା ଏବଂ ସେମାନଙ୍କ ମାଆଙ୍କୁ ପକ୍ଷଭୁକ୍ତ କରିବା ପାଇଁ ଅପିଲକାରୀମାନେ ଆବେଦନ କରିଥିଲେ । ଉତ୍ତରଦାତାମାନେ ଏହି ଆବେଦନକୁ ବିରୋଧ କରିଥିଲେ ।

ନିର୍ଣ୍ଣୟ ହୋଇଥିଲା ଯେ, ଆବେଦନରେ ଅତିରିକ୍ତ ପ୍ରମାଣ ଗ୍ରହଣ କରିବାର କ୍ଷମତା ସର୍ବୋଚ୍ଚ ନ୍ୟାୟାଳୟଙ୍କ ପାଖରେ ରହିଛି । ଏକ ଆବେଦନର ନିଷ୍ପତ୍ତି ନେବା ସମୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏହି ଅପିଲର ନିଷ୍ପତ୍ତି ନିଆଯାଉଥିବା ସମୟରେ ଥିବା ପରିସ୍ଥିତିକୁ ଗ୍ରହଣ କରିବାକୁ ପଡିବ, ଏବଂ ପ୍ରମାଣିତ ଇଚ୍ଛାପତ୍ର ଏକ ଲୋକଲକ୍ଷୀ ନିର୍ଣ୍ଣୟ ହୋଇଥିବାରୁ ଏହାକୁ ଧ୍ୟାନରେ ରଖିବାକୁ ପଡିବ । ଉତ୍ତରଦାତାମାନେ ପ୍ରମାଣିତ ଇଚ୍ଛାପତ୍ର ପ୍ରକ୍ରିୟାରେ ପକ୍ଷ ନଥିଲେ ବୋଲି ଆପତ୍ତି ରାୟର ପ୍ରକୃତି ହେତୁ ଗ୍ରହଣୀୟ ନୁହେଁ ।

ଇନ୍ଦରଜିତ ପ୍ରତାପ ସାହି ବନାମ ଅମର ସିଂହ, L.R. (1923) 50 I.A. 183 ।

ଲକ୍ଷ୍ମେଶ୍ୱର ପ୍ରସାଦ ଶୁକୁଲ ବନାମ କିଶ୍ୱର ଲାଲ ଚୌଧୁରୀ, (1940) F.C.R. 84, ଅନୁସରଣ କରିଥିଲେ ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 49/1954 ।

ମକଦ୍ଦମା ସଂଖ୍ୟା 298/1944 ରେ ଗୁରୁଦାସପୁରର ବରିଷ୍ଠ ସବ୍-ଜଜଙ୍କର 30 ନଭେମ୍ବର 1945 ର ରାୟ ଏବଂ ଆଦେଶରୁ ଉତ୍ପନ୍ନ ନିୟମିତ ପ୍ରଥମ ଆବେଦନ ସଂଖ୍ୟା 57/1949ରେ ପଞ୍ଜାବ ଉଚ୍ଚ ନ୍ୟାୟାଳୟଙ୍କର 16 ଅଗଷ୍ଟ, 1949ର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହା ଏକ ଆବେଦନ ।

ଆବେଦନକାରୀମାନଙ୍କ ପକ୍ଷରୁ *ଏଚ୍. ଜେ. ଉମ୍ରିଗର* ଏବଂ *କେ. ଏଲ୍. ମେହେଟ୍ଟା* ।

ଉତ୍ତରଦାତାମାନଙ୍କ ପକ୍ଷରୁ *ଆର୍. ଏସ୍. ନରୁଲା* ।

ସେପ୍ଟେମ୍ବର 24, 1957 । ନ୍ୟାୟାଳୟର ନିମ୍ନଲିଖିତ ରାୟଟି ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି କପୁର - ଅଗଷ୍ଟ 16, 1949 ତାରିଖରେ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ପଞ୍ଜାବର ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଡିକ୍ରୀରୁ ଅଣାଯାଇଛି, ଯାହା ଏକ ବନ୍ଧକ ଉପରେ ବାଦୀଙ୍କ ମକଦ୍ଦମା ନିର୍ଦ୍ଦେଶ ଦେଇଥିବା ବିଚାର କରୁଥିବା ନ୍ୟାୟାଳୟର ଡିକ୍ରୀକୁ ପ୍ରତ୍ୟାଖାନ କରିଛି ।

ଏହି ଆବେଦନରେ ଆବେଦନକାରୀ ଥିବା ବାଦୀମାନେ ଦାବି କରନ୍ତି ଯେ ସେମାନଙ୍କ ମା'ଙ୍କ ପିତା ଲାଲା ଗୁରାଣ୍ଡିଟ୍ଟା ମଲଙ୍କ ଦ୍ୱାରା ସେପ୍ଟେମ୍ବର 6,1944 ରେ ନିଷ୍ପାଦିତ ଏକ ପଞ୍ଜୀକୃତ ଇଚ୍ଛାପତ୍ର ଅନୁଯାୟୀ ସେମାନେ ଉତ୍ତରାଧିକାରୀ ଅଟନ୍ତି । ସେମାନଙ୍କୁ ଇଚ୍ଛାପତ୍ର କରାଯାଇଥିବା ବିଷୟ ମଧ୍ୟରୁ ଗୋଟିଏ ଥିଲା ପ୍ରତିବାଦୀମାନଙ୍କ ଦ୍ୱାରା ଇଚ୍ଛାପତ୍ର କର୍ତ୍ତାଙ୍କ ସପକ୍ଷରେ 6000 ଟଙ୍କା ପାଇଁ 24 ଅକ୍ଟୋବର,1932 ରେ ନିଷ୍ପାଦିତ ଏକ ବନ୍ଧକରେ ଅଧିକାର । ଅକ୍ଟୋବର 25,1944 ରେ, ସେମାନେ ବନ୍ଧକ ଆଧାରରେ 5,392-2-0 ଟଙ୍କା ଅସୁଲି କରିବା ପାଇଁ ଗୁରୁଦାସପୁରର ବରିଷ୍ଠ ଅଧୀନସ୍ଥ ନ୍ୟାୟାଧୀଶ ଅଦାଲତରେ ଏକ ମକଦ୍ଦମା ଦାୟର କରିଥିଲେ । ସେମାନେ ଆରୋପ କରିଥିଲେ ଯେ ସେମାନେ ଇଚ୍ଛାପତ୍ର ଅଧୀନରେ ଲାଲା ଗୁରନଡିଟ୍ଟା ମଲଙ୍କ "ପ୍ରତିନିଧି ଏବଂ ଉତ୍ତରାଧିକାରୀ" ଥିଲେ ଏବଂ ସେମାନଙ୍କର ଆବେଦନରେ ସେମାନେ କେବଳ କହିଥିଲେ ଯେ

"ଆମେ ମୃତ ଲାଲା ଗୁରାଣ୍ଡିଟ୍ଟା ମଲ୍ ବନ୍ଧକ ଗ୍ରହୀତାଙ୍କ ଉତ୍ତରାଧିକାରୀ ଏବଂ ପ୍ରତିନିଧି ।"

1957
ସୁରିନ୍ଦର କୁମାର ଏବଂ ଅନ୍ୟମାନେ
ବନାମ
ଗିଆନ ଚାନ୍ଦ ଏବଂ ଅନ୍ୟମାନ
ନ୍ୟାୟାଧୀଶ କପୁର

ଅନ୍ୟାନ୍ୟ ବିଷୟ ମଧ୍ୟରେ ପ୍ରତିବାଦୀମାନେ ନିବେଦନ କରିଥିଲେ ଯେ ଗୁରାଣ୍ଡିଟ୍ଟା ମଲ୍ ଦ୍ୱାରା କରାଯାଇଥିବା ଇଚ୍ଛାପତ୍ର ବିଷୟରେ ସେମାନେ ଜ୍ଞାତ ନଥିଲେ ଏବଂ ବାଦୀମାନେ ବନ୍ଧକଗ୍ରହିତା ବ୍ୟକ୍ତିଙ୍କ ଉତ୍ତରାଧିକାରୀ ଏବଂ ପ୍ରତିନିଧି ବୋଲି ସେମାନେ ଅସ୍ୱୀକାର କରିଥିଲେ ଏବଂ ତେଣୁ ମକଦ୍ଦମା ଦାୟର କରିବାର କୌଣସି ସ୍ଥିତି ଅଧିକାର ସେମାନଙ୍କର ନଥିଲା । ବିଦ୍ୱାନ ବିଚାରଣ ବିଚାରପତିଙ୍କ ଦ୍ୱାରା ପାଞ୍ଚଟି ପ୍ରସଙ୍ଗ କୁହାଯାଇଥିଲା, ଯେଉଁଥିରୁ ଏହି ଆବେଦନ ଉଦ୍ଦେଶ୍ୟରେ ବର୍ତ୍ତମାନ ପ୍ରାସଙ୍ଗିକ ପ୍ରସଙ୍ଗ ହେଉଛି ପ୍ରଥମଟି :

(1) ମୃତ ଗୁରାଣ୍ଡିଟ୍ଟାଙ୍କ ସ୍ୱାର୍ଥରେ ଉତ୍ତରାଧିକାରୀ ଭାବରେ ବର୍ତ୍ତମାନର ମକଦ୍ଦମାକୁ ବଜାୟ ରଖିବା ପାଇଁ ଅଭିଯୋଗକାରୀଙ୍କ ସ୍ଥିତି ଅଧିକାର ଅଛି କି?

ବିଜ୍ଞ ଅଧସ୍ତନ ବିଚାରପତି ବିଚାର କରିଥିଲେ ଯେ ଇଚ୍ଛାପତ୍ରର "ଏହାର ସଠିକ୍ କାର୍ଯ୍ୟକାରିତାର ଅନୁମାନ ଥିଲା" କାରଣ ଏହା ପଞ୍ଜୀକୃତ ହୋଇଥିଲା ଏବଂ ଏହା ମଧ୍ୟ ଯେ ପ୍ରମାଣିତ ଇଚ୍ଛାପତ୍ର ପ୍ରାପ୍ତ ନକରିବା ବାଦୀଙ୍କ ପାଇଁ ଏକ ଡିକ୍ରି ପ୍ରାପ୍ତ କରିବାରେ କୌଣସି ପ୍ରତିବନ୍ଧକ ନଥିଲା ଏବଂ ଏକ ପ୍ରାଥମିକ ବନ୍ଧକ ଡିକ୍ରି ପାସ୍ କରିଥିଲେ । ଏହି ମାମଲାକୁ ଉଚ୍ଚନ୍ୟାୟାଳୟରେ ଅପିଲରେ ନିଆଯିବା ପରେ ବିଚାର କରୁଥିବା ନ୍ୟାୟାଳୟର ଡିକ୍ରିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ବାଦୀଙ୍କ ମକଦ୍ଦମା ଖାରଜ ହୋଇଥିଲା କିନ୍ତୁ ପକ୍ଷମାନଙ୍କୁ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ବହନ କରିବାକୁ ଛାଡ଼ି ଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କଲେ;

“ତେଣୁ ଏହା ସ୍ପଷ୍ଟ ଯେ ଆମ ସମ୍ମୁଖରେ ନଥିବା ଇଚ୍ଛାପତ୍ରକୁ ବୈଧ କରିବା ପାଇଁ ଦୁଇ ଜଣ ସାକ୍ଷୀଙ୍କ ଦ୍ୱାରା ଅନୁପ୍ରମାଣନ ଆବଶ୍ୟକ ଥିଲା । ଯେହେତୁ ଆଇନର ଏହି ଆବଶ୍ୟକତା ପୂରଣ ହୋଇନାହିଁ, ମକଦ୍ଦମାକୁ ବଜାୟ ରଖିବା ପାଇଁ ଆବେଦନକାରୀଙ୍କ କୌଣସି ସ୍ଥିତି ଅଧିକାର ନାହିଁ ।”

"ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ 41 , ନିୟମ 27 ଅନୁଯାୟୀ ଅତିରିକ୍ତ ପ୍ରମାଣ ଗ୍ରହଣ ପାଇଁ କରାଯାଇଥିବା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 133 ଅନୁଯାୟୀ ଆବେଦନ କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲେ, କିନ୍ତୁ ଅକ୍ଟୋବର 21, 1952 ମସିହାରେ ବିଶେଷ ଅନୁମତି ପ୍ରଦାନ କରାଯାଇଥିଲା । ଇତି ମଧ୍ୟରେ ଜୁଲାଇ 11, 1951 ମସିହାରେ ଲାଲା ଗୁରାଣ୍ଡିଟ୍ଟା ମଲଙ୍କ ପ୍ରମାଣୀକୃତ ଇଚ୍ଛାପତ୍ରକୁ ବର୍ତ୍ତମାନର ଆବେଦନକାରୀ ଏବଂ ସେମାନଙ୍କ ମାଆ ମୁସମ୍ମତ୍ ହର୍ ଦେବୀଙ୍କ ସପକ୍ଷରେ ଗୁରୁଦାସପୁରର ଜିଲ୍ଲା ନ୍ୟାୟାଧୀଶଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା । ଆବେଦନକାରୀମାନେ ଅତିରିକ୍ତ ପ୍ରମାଣକୁ ଗ୍ରହଣ କରିବା ପାଇଁ ଏହି ନ୍ୟାୟାଳୟରେ ଏକ ଆବେଦନ କରିଥିଲେ ଏବଂ ପ୍ରମାଣୀକୃତ ଇଚ୍ଛାପତ୍ର ଲୋକଲକ୍ଷୀ ରାୟ ଭାବରେ କାର୍ଯ୍ୟ କରୁଥିବାରୁ ପ୍ରମାଣୀକୃତ ଇଚ୍ଛାପତ୍ରକୁ ନଥିରେ ରଖିବାକୁ

ପ୍ରାର୍ଥନା କରିଥିଲେ । ସେମାନେ ମୁସମ୍ମତ୍ ହର୍ ଦେବୀଙ୍କୁ ଆବେଦନରେ ଜଣେ ଉତ୍ତରଦାତା ଭାବରେ ଯୋଡିବା ପାଇଁ ମଧ୍ୟ ଆବେଦନ କରିଥିଲେ ।

ଏହି ପର୍ଯ୍ୟାୟରେ ଅତିରିକ୍ତ ପ୍ରମାଣର ଗ୍ରହଣ ଉପରେ ଉତ୍ତରଦାତାମାନଙ୍କ ଦ୍ୱାରା ଏକ ଆପତ୍ତି ରଖାଯାଇଥିଲା ଯେ ପ୍ରମାଣିତ ଇଚ୍ଛାପତ୍ର ସେମାନଙ୍କ ଅଜାଣତରେ ପ୍ରାପ୍ତ ହୋଇଥିଲା ଏବଂ ଆବେଦନ ଏକ ବିଳମ୍ବ ପର୍ଯ୍ୟାୟରେ କରାଯାଇଥିଲା, ଏହା ଉତ୍ତରଦାତାମାନଙ୍କୁ ବହୁମୂଲ୍ୟ ଅଧିକାରରୁ ବଞ୍ଚିତ କରିଥିଲା ଯାହା ସେମାନଙ୍କ ଉପରେ ନ୍ୟସ୍ତ ହୋଇଛି କାରଣ ଦାବି କରିବା ବିଧିବଦ୍ଧ ଭାବରେ ନିଷିଦ୍ଧ ହୋଇଛି ଏବଂ ଅତିରିକ୍ତ ପ୍ରମାଣ ଗ୍ରହଣ ପାଇଁ ଏହି ନ୍ୟାୟାଳୟର ନିୟମ ବିଧାନରେ କୌଣସି ବ୍ୟବସ୍ଥା ନାହିଁ । ଏହା ସ୍ପଷ୍ଟ ଯେ  ପ୍ରମାଣିତ ଇଚ୍ଛାପତ୍ର ପାଇଁ ଆବେଦନ କରାଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟର ରାୟ ପରେ ଏହା ପ୍ରାପ୍ତ ହୋଇଥିଲା ଏବଂ ତେଣୁ ସେହି ନ୍ୟାୟଳୟରେ ଦାଖଲ କରାଯାଇପାରିନଥାନ୍ତା । ପ୍ରମାଣିତ ଇଚ୍ଛାପତ୍ର ଅଦାଲତର ରାୟ ଆଇନ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ପ୍ରାପ୍ତ ହୋଇଥିବା ଅନୁମାନ କରାଯିବା ଆବଶ୍ୟକ ଏବଂ ଏହା ଏକ ଲୋକଲକ୍ଷୀ ରାୟ । ଉତ୍ତରଦାତାମାନେ ଏଥିରେ ପକ୍ଷ ନଥିଲେ ବୋଲି ଆପତ୍ତି ରାୟର ପ୍ରକାର ହେତୁ ଗ୍ରହଣଯୋଗ୍ୟ ନଥିଲା ।

ଏହି ନ୍ୟାୟାଳୟର କ୍ଷମତା ସମ୍ବନ୍ଧରେ, ଅତିରିକ୍ତ ପ୍ରମାଣ ଗ୍ରହଣ କରିବା ପାଇଁ ଏଥିରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ, କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ନିୟମାବଳୀର ଆଦେଶ 45ର ନିୟମ 5 ନ୍ୟାୟର ଉଦ୍ଦେଶ୍ୟ ପାଇଁ କିମ୍ବା ନ୍ୟାୟାଳୟ ପ୍ରକ୍ରିୟାର ଅପବ୍ୟବହାର ରୋକିବା ପାଇଁ ଏପରି ଆଦେଶ ଦେବାକୁ ନ୍ୟାୟାଳୟର ଅନ୍ତର୍ନିହିତ କ୍ଷମତାକୁ ସ୍ୱୀକାର କରିଥାଏ । *ଇନ୍ଦ୍ରଜିତ ପ୍ରତାପ ସାହି ବନାମ ଅମର ସିଂ*[1] ମାମଲାରେ ପ୍ରିଭି ପରିଷଦରେ କହିଥିଲେ :

"ଯେଉଁଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରମାଣ ଉପସ୍ଥାପନ ନକରିବାର ପର୍ଯ୍ୟାପ୍ତ ଆଧାର ରହିଛି, ସେହି କ୍ଷେତ୍ରରେ ଏପରି ପ୍ରମାଣକୁ ଗ୍ରହଣ କରିବାରେ ବୋର୍ଡର କ୍ଷମତା ଉପରେ କୌଣସି ପ୍ରତିବନ୍ଧକ ନାହିଁ ।"

ଅତିରିକ୍ତ ପ୍ରମାଣ ଗ୍ରହଣ କରିବା ସମ୍ବନ୍ଧରେ ଏହି ନ୍ୟାୟାଳୟର କ୍ଷମତା କୌଣସି ପ୍ରକାରେ ପ୍ରିଭି ପରିଷଦ ଠାରୁ କମ୍ ନୁହେଁ । ଅଧିକନ୍ତୁ, ଆବେଦନର ନିଷ୍ପତ୍ତି ନେବାରେ ଆମକୁ ଏପରି ପରିସ୍ଥିତିକୁ ଗ୍ରହଣ କରିବାକୁ ପଡ଼ିବ, ଯେପରି ସେହି ସମୟରେ ଆବେଦନ ନିଷ୍ପତ୍ତି ନିଆଯାଉଛି ଏବଂ ଆବେଦନକାରୀଙ୍କ ସପକ୍ଷରେ ଲୋକଲକ୍ଷୀ ରାୟ ପାରିତ ହୋଇଥିବାରୁ ସେହି ଅତିରିକ୍ତ ତଥ୍ୟକୁ

[1] L.R.(1923) 50 I.A. 183,191.

1957

ସୁରିନ୍ଦର କୁମାର ଏବଂ ଅନ୍ୟମାନେ ବନାମ ଗିଆନ ଚାନ୍ଦ ଏବଂ ଅନ୍ୟମାନ

ନ୍ୟାୟାଧୀଶ କପୁର

ବିଚାରକୁ ନେବା ଆବଶ୍ୟକ । *ଲକ୍ଷ୍ମେଶ୍ୱର ପ୍ରସାଦ ଶୁକୁଲ ବନାମ କେଶ୍ୱର ଲାଲ ଚୌଧୁରୀ* [2] ମାମଲାରେ ସଂଘୀୟ ଅଦାଲତ ଦ୍ୱାରା ଏପରି ରାୟ ଦିଆଯାଇଥିଲା, ଯେଉଁଠାରେ ପ୍ରଧାନ ନ୍ୟାୟାଧୀଶ ଗୱେର *ପ୍ୟାଟର୍ସନ ବନାମ ଆଲାବାମା ରାଜ୍ୟ*[3] ମାମଲାରେ ପ୍ରଧାନ ନ୍ୟାୟାଧୀଶ ହ୍ୟୁଜଙ୍କ ନିମ୍ନଲିଖିତ ମନ୍ତବ୍ୟକୁ ଅନୁମୋଦନ ସହିତ ଉଦ୍ଧୃତ କରିଥିଲେ :

"ଆମେ ବାରମ୍ବାର କହିଆସିଛୁ ଯେ ଆମର ଅପିଲ ଅଧିକାରିତା ପ୍ରୟୋଗରେ ଆମ ପାଖରେ କେବଳ ସମୀକ୍ଷାଧୀନ ରାୟରେ ତ୍ରୁଟି ସଂଶୋଧନ କରିବାର କ୍ଷମତା ନିହିତ, ବରଂ ନ୍ୟାୟର ଆବଶ୍ୟକତା ଅନୁଯାୟୀ ମାମଲାର ଏପରି ସମାଧାନ କରିବାର କ୍ଷମତା ଅଛି । ଏବଂ କେଉଁ ନ୍ୟାୟର ଆବଶ୍ୟକତା ରହିଛି ତାହା ନିର୍ଦ୍ଧାରଣ କରିବାରେ, ନ୍ୟାୟାଳୟର ରାୟ ଦାଖଲ ହେବା ପରଠାରୁ ଆବ୍ୟଶକୀୟ ପରିବର୍ତ୍ତନ, ତଥ୍ୟଗତ ହେଉ କିମ୍ବା ଆଇନଗତ ହେଉ, କରିବାକୁ ବାଧ୍ୟ ।"

ନ୍ୟାୟାଧୀଶ ବରଦାଚାରୀଙ୍କ ମତ ଥିଲା ଯେ ଏକ ଆବେଦନ ଶୁଣାଣି ଏହି ଦେଶର ପ୍ରକ୍ରିୟାଗତ ଆଇନ ଅଧୀନରେ ଏକ ପୁନଃ ଶୁଣାଣି ଭାବରେ ରହିଛି ଏବଂ ତେଣୁ ଆବେଦନରେ ପ୍ରଦାନ କରିବାକୁ ଥିବା ପ୍ରତିକାର ଗଠନ କରିବାରେ ଏକ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଏପରିକି ତଥ୍ୟ ଏବଂ ଘଟଣାଗୁଡ଼ିକୁ ଧ୍ୟାନରେ ରଖିବା ପାଇଁ ହକଦାର ଯାହା ଆବେଦନରେ ଡିକ୍ରି ପାସ୍ ହେବା ପରଠାରୁ ଅସ୍ତିତ୍ୱରେ ଆସିଛି । ସେ ଅନେକ ଭାରତୀୟ ମାମଲା ଏବଂ ପ୍ରିଭି ପରିଷଦର ନ୍ୟାୟିକ ସମିତିର ପ୍ରତିଷ୍ଠିତ ପଦ୍ଧତି ଏବଂ କିଛି ଇଂରାଜୀ ମାମଲା ବିଷୟରେ ଉଲ୍ଲେଖ କରିଥିଲେ ।

ଆମ ମତରେ, ପ୍ରମାଣିତ ଇଚ୍ଛାପତ୍ର ମଞ୍ଜୁରର ତଥ୍ୟ ଯାହା ଅପିଲ ଅଧୀନରେ ନିର୍ଣ୍ଣୟ ଦିଆଯିବା ପରଠାରୁ ପରିବର୍ତ୍ତନ ଆବଶ୍ୟକ କରିଛି, ଯାହା ଏହି ନ୍ୟାୟଳୟଙ୍କ ସମ୍ମୁଖରେ ରହିଛି, ତାହାକୁ ଆବେଦନରେ ନିଆଯିବା ଆବଶ୍ୟକ । ସେହି ପରିସ୍ଥିତିରେ ଭାରତୀୟ ଉତ୍ତରାଧିକାର ଅଧିନିୟମର ଧାରା 63(1)(c) ଅନୁଯାୟୀ ଇଚ୍ଛାପତ୍ରର ଉପଯୁକ୍ତ ଅନୁପ୍ରମାଣନ ଅଭାବରୁ ଆବେଦନକାରୀଙ୍କ ମାମଲାରେ ରହିଥିବା ତ୍ରୁଟି ଦୂର ହେବ । ଆମେ ଗ୍ରହଣ କରିଥିବା ମତ କାରଣରୁ ଉତ୍ତରଦାତାମାନଙ୍କ ଦ୍ୱାରା ଉଠାଯାଇଥିବା ଅନ୍ୟାନ୍ୟ ଆପତ୍ତି ସମ୍ପୂର୍ଣ୍ଣ ଭାବରେ ପ୍ରଭାବହୀନ ହୋଇଯାଏ । ତେଣୁ ଏହି ପ୍ରସଙ୍ଗରେ ଉଚ୍ଚନ୍ୟାୟାଳୟର ରାୟକୁ ପ୍ରତ୍ୟାଖାନ କରାଗଲା ।

[2] [1940]F.C.R. 84.
[3] (1934) 294 U.S. 600, 607

1957

ସୁରିନ୍ଦର କୁମାର ଏବଂ ଅନ୍ୟମାନେ ବନାମ ଗିଆନ ଚାନ୍ଦ ଏବଂ ଅନ୍ୟମାନ

ନ୍ୟାୟାଧୀଶ କପୁର

ତେଣୁ, ଆମେ ଏହି ଆବେଦନକୁ ଅନୁମତି ଦେଉଛୁ, ପଞ୍ଜାବ ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଡିକ୍ରିକୁ ବାତିଲ କରୁଛୁ ଏବଂ ନିର୍ଣ୍ଣୟ ହୋଇନଥିବା ଅନ୍ୟ ପ୍ରସଙ୍ଗଗୁଡ଼ିକର ନିର୍ଣ୍ଣୟ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଉଛୁ ।

ଯେହେତୁ ଆବେଦନକାରୀମାନେ ଏହି ଅଦାଲତରେ ଆବେଦନ ଦାଖଲ ହେବା ପର୍ଯ୍ୟନ୍ତ ପ୍ରମାଣିତ ଇଚ୍ଛାପତ୍ର ପ୍ରାପ୍ତ କରିନଥିଲେ ଏବଂ ଏତେ ବିଳମ୍ବରେ ଅତିରିକ୍ତ ପ୍ରମାଣ ଗ୍ରହଣ ପାଇଁ ଆବେଦନ କରିଥିଲେ, ସେମାନେ ଦୁଇ ମାସ ମଧ୍ୟରେ ଉତ୍ତରଦାତାମାନଙ୍କୁ ଏହି ନ୍ୟାୟାଳୟର ଖର୍ଚ୍ଚ ବାବଦକୁ 500 ଟଙ୍କା ପ୍ରଦାନ କରିବେ । ଏପରି ଦେୟ ପ୍ରଦାନ କରିବାରେ ବିଫଳ ହେଲେ ଆବେଦନଟି 500 ଟଙ୍କା ଖର୍ଚ୍ଚ ସହିତ ଖାରଜ ହୋଇଯିବ ।

*ଆବେଦନକୁ ଅନୁମତି ଦିଆଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ, ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।